ପ୍ରେସ୍ ନୋଟ୍

## ପ୍ରାକ୍ -ଗର୍ଭାବସ୍ଥା ଓ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ସମ୍ପର୍କୀତ ଜିଲ୍ଲା ସ୍ତରୀୟ ପରାମର୍ଶଦାତା କମିଟି ବୈଠକ ।

ଅନୁଗୋଳ,ତା. ୦୬.୦୧:- ଜିଲ୍ଲାରେ ଚାଲୁଥିବା ଅଲଟ୍ରାସାଉଣ୍ଡ କ୍ଲିନିକ ଗୁଡିକରେ ପି.ସି ଆଣ୍ଡ ପି.ଏନ.ଡି.ଟି ଆଇନର ସଠିକ କାର୍ଯ୍ୟକାରିତାକୁ ନେଇ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଚଳିତ ବର୍ଷର ପ୍ରଥମ ଜିଲ୍ଲା ସ୍ତରୀୟ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂର୍ବରୁ ପଡିରହିଥିବା ସ୍ୱିକୃତିପ୍ରାପ୍ତ କାର୍ଯ୍ୟକ୍ରମଗୁଡିକୁ ତୃଣମୂଳ ସ୍ତରରୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ମମତା ଦିବସରେ ପ୍ରତ୍ୟେକ ଗର୍ଭବତୀ ମହିଳାମାନଙ୍କୁ କନ୍ୟା ସନ୍ତାନର ଗୁରୁତ୍ୱ ସମ୍ପର୍କରେ ସଚେତନ କରାଇବା ସହ ଡାକ୍ତରଖାନାରେ ପ୍ରସବ ନିମନ୍ତେ ପ୍ରୋତ୍ସାହିତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । କୌଣସି ପରିସ୍ଥିତିରେ ଘରୋଇ ନର୍ସିଂହୋମକୁ ପ୍ରସବ ପାଇଁ ପ୍ରୋତ୍ସାହିତ କରାଯିବ ନାହିଁ । ଏଥିରେ ଖିଲାପ ହେଲେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଚେତାବନୀ ଦେଇଛନ୍ତି । ଚଳିତ ମାସ ସୁଦ୍ଧା ଜିଲ୍ଲାର ସମସ୍ତ ଉପ-ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ଲିଂଗ ଅନୁପାତକୁ ଧାର୍ଯ୍ୟ କରାଯାଇ ନୂତନ ଦୀର୍ଘସୂତ୍ରୀ ଯୋଜନା ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ୯୫୦ରୁ ଉର୍ଦ୍ଧ କନ୍ୟା ସନ୍ତାନ ଥିବା ଗ୍ରାମଗୁଡିକୁ ଲିଂଗ ଅନୁପାତରେ ଗ୍ରୀନ୍ ଜୋନ୍ ଓ ୭୫୦ରୁ ନିମ୍ନରେ ଥିବା ଗ୍ରାମଗୁଡିକୁ ରେଡ୍ ଜୋନ୍ ଘୋଷଣା କରାଯିବ । ପରବର୍ତ୍ତୀ ସମୟରେ ରେଡ୍ ଜୋନ୍‌ରେ ବ୍ୟାପକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବା ସହ ଗ୍ରୀନ ଜୋନ୍ ଗ୍ରାମଗୁଡିକରେ କନ୍ୟା ସନ୍ତାନମାନଙ୍କର ସଂଖ୍ୟାରେ ସ୍ଥିରତା ବଜାୟ ରଖିବା ପାଇଁ ସମୁଚିତ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଓ ପାରଦର୍ଶିତା ହାସଲ କରିଥିବା ଝିଅମାନଙ୍କୁ ପ୍ରୋତ୍ସାହିତ ଓ ସମ୍ମାନିତ କରିବା ପାଇଁ ଅନୁଗୋଳ ପୌରପାଳିକାର ପୂର୍ବତନ ଅଧକ୍ଷ୍ୟା ଶ୍ରୀମତୀ ସୁକାନ୍ତି ଦାସ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କେଉଁ କେଉଁ କ୍ଷେତ୍ରରେ କନ୍ୟା ସନ୍ତାନମାନଙ୍କୁ ସମ୍ମାନିତ ଓ ପ୍ରୋତ୍ସାହିତ କରାଯିବ ତାହାର ପ୍ରସ୍ତାବ ପ୍ରଦାନ କଲେ ଜିଲ୍ଲା ପ୍ରଶାସନ ତରଫରୁ ଆବଶ୍ୟକ

ଆର୍ଥିକ ରାଶି ସିଧାସଳଖ ସେମାନଂକୁ ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ବିଶ୍ୱ ଯୁବ କେନ୍ଦ୍ରର ଶ୍ରୀ ମନୋଜ କୁମାର ମହାପାତ୍ର କନ୍ୟା ସନ୍ତାନମାନଂକ ନିମନ୍ତେ ଚାଲୁଥିବା ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଉପରେ ମତବ୍ୟକ୍ତ କରିଥିଲେ । ଜିଲ୍ଲାରେ ସଚେତନତା କାର୍ଯ୍ୟକ୍ରମକୁ ସୁ-ସଂଗଠିତ ଭାବେ ଆବଶ୍ୟକ ସଚେତନତା ମୂଳକ ସୂଚନା ଆଧାରରେ ଏକ ରଥ ଜିଲ୍ଲା ଖଣିଜ ପାଣ୍ଠି ତରଫରୁ ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ପରିକ୍ରମା କରିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । କରୋନା ପାଇଁ ବନ୍ଦ ଥିବା ଚଢାଉ ଓ ଯାଂଚ କାର୍ଯ୍ୟକ୍ରମକୁ ପୂର୍ବ ଭଳି ବିଭିନ୍ନ ଅଲଟ୍ରାସାଉଣ୍ଡ କ୍ଲିନିକ୍ ଉପରେ କଡାକଡି ଭାବେ କାର୍ଯ୍ୟକାରୀ କରାଯିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପି.ସି ପି.ଏନ୍.ଡି.ଟିର ପି.ଏ ଶ୍ରୀ ପର୍ଶୁରାମ ପଣ୍ଡା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ଅଭୟ୍ କୁମାର ଦାଶ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ରମେଶ ଚନ୍ଦ୍ର ମୁଖୀଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର,ସ୍ୱାସ୍ଥ୍ୟକର୍ମୀ ଓ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

